# ତହସିଲଦାରଙ୍କ କାର୍ଯ୍ୟାଳୟ, କୋଲାବିରା

## ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା : ୧୦୫୮          ତାରିଖ : ୦୬.୧୧.୨୦୨୦

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କୋଲାବିରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନର ଆସନ୍ତା ୫ ବର୍ଷ (୨୦୨୦-୨୧ ରୁ ୨୦୨୪-୨୫) ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର କୋଲାବିରାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rule 2016** ର **Form - M** ପୂରଣ କରି ଏହାର **ତିନି କପି** ନିମ୍ନଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ତା:୨୩.୧୧.୨୦୨୦ ରିଖ ମଧ୍ୟାହ୍ନ ୧୨:୦୦ ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା **Drop Box** ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **Tender Box** ତା:୨୩.୧୧.୨୦୨୦ ରିଖ ଅପରାହ୍ନ ୧୨:୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନପତ୍ର ମିଳିନଥିବ କିମ୍ବା ଲିଜ୍ ଚୁଡାନ୍ତ ହୋଇନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା:୦୧.୧୨.୨୦୨୦ ରିଖ ଓ ତା:୦୯.୧୨.୨୦୨୦ ରିଖ ମଧ୍ୟାହ୍ନ ୧୨:୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣକରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୧୨:୩୦ ଘଟିକା ସମୟରେ ପୂର୍ବମତେ **Tender Box** ଖୋଲାଯିବ। ଏହାର ସବିଶେଷ ବିବରଣି ଜିଲ୍ଲା **website (Jharsuguda.nic.in)** ରେ ଉପଲବ୍ଧ ।

ତହସିଲଦାର, କୋଲାବିରା
TAHASILDAR
KOLABIRA

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ଶୁଳ୍କ ସକାଶେ ଟ. ୧୦୦୦.୦୦ ( ଏକ ହଜାର ଟଙ୍କା ) ମାତ୍ର ର ଟ୍ରେଜେରୀ ଚାଲାଣ (**Head of Account 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties**)।

୨. ଆବେବଦନ କରିଥିବା ଜମି ର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୩. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ (**Affidavit**) ।

୪. ଶେଷ ୩ ବର୍ଷର IT Returns ଏବଂ Solvency Certificate/ ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ **[Minimum Guaranteed Quantity X (Royalty + Additional Charges)]** ଠାରୁ ଅଧିକ ହୋଇଥିବା ଆବଶ୍ୟକ, ଇତ୍ୟାଦି ପ୍ରଦାନ କରିବେ।

୬. Earnest Money ପାଇଁ Demand Draft (in favour of Tahasildar, Kolabira) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର ୫% ଠାରୁ କମ୍ ହୋଇନଥିବ । [EMD = 5% of {Minimum Guaranteed Quantity X (Royalty + Additional Charges)}]

TAHASILDAR
KOLABIRA

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ –OMMC Rules-2016 ର ପରିସର ଭୁକ୍ତ ରହିବେ ।

୨. ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉତ୍ସଗୁଡ଼ିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅତିରିକ୍ତ ଦେୟର (Additional Charge) ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୁନ ଅତିରିକ୍ତ ଦେୟ (Additional Charge) 1 Cum ବାଲି ପ୍ରତି ନିମ୍ନ ସାରଣୀରେ ପ୍ରଦତ୍ତ ।

୪. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charges) ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।

୫. ଯଦି ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଲିଜ୍ ନିମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ ଉପର ବାର୍ଷିକ ଦେୟ [Minimum Guaranteed Quantity X (Royalty + Additional Charge)] + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି ଲିଜ ଚୂଡାନ୍ତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

୭. ବିବେଚିତ ନିଲାମ ଡକାକି ୦୩ ମାସ ସମୟସୀମା ମଧ୍ୟରେ Mining Plan Form-O ଓ Environment Clearance ଦାଖଲ କରିବେ ଏବଂ ଚୁକ୍ତି ସ୍ୱାକ୍ଷର କରିବେ ।

୮. Mining Plan ଟି Form-O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା 1533 ତା 14.09.2006 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

୯. Environment Clearance ମଂଜୁରୀ ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର ୫% EMF, Royalty ର ୧୦% District Mineral Foundation (DMF) ଏବଂ Royalty ର ୨% TDS ବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।

୧୦. ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

6/9/20

TAHASILDAR
KOLABIRA

୧୧. ଲିଜ୍ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

୧୨. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

୧୩. Reserve Assessment Report, Mining Plan ଏବଂ Environmental Clearance ବାବଦକୁ ଖର୍ଚ ଲିଜଧାରୀ ନିଜେ ବହନ କରିବେ ।

୧୪. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ। ଏହା ବ୍ୟତିତ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.jharsuguda.nic.in ରେ ମଧ୍ୟ ଦେଖିପାରିବେ ।

୧୬. ଯଦି ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୭. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ ।

୧୮. ନିଲାମଧାରୀମାନେ OMMC Rules-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

TAHASILDAR
KOLABIRA

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର. ନଂ. | ସଇରାତ ମୋକଦ୍ଦମା ନଂ. | ସଇରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର) | ଅତିରିକ୍ତ ଦେୟ ପ୍ରତି ଘନ ମିଟର | ସର୍ବନିମ୍ନ ନିଶ୍ଚିତ ପରିମାଣ (ଘନ ମି.) | ଅଗ୍ରିମ ସୁରକ୍ଷା ଜମା ଟଙ୍କା |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/ OMMC/ ୨୦୧୮-୧୯ | ସ. ପଣ୍ଡକିମାଲ ବାଲିଶଯ୍ୟା | ସ. ପଣ୍ଡକିମାଲ | ୧୧୩ | ୧୩୧୬ ରୁ | ନଦୀ | ୧୨.୦୦ | ଟ.୧୧.୦୦ | ୪୦୦୦ | ୯୨୦୦.୦୦ |
| ୨ | ୦୧/ OMMC/ ୨୦୧୯-୨୦ | ପାତକପଡା ମୁରୁମ ଖାଦାନ | ପାତକପଡା | ୧୧୭ | ୪୪୨ | ପଥର ଚଟାଣ | ୦.୮୪ | ଟ.୧୦.୦୦ | ୫୦୦ | ୧୧୨୫.୦୦ |
| ୩ | ୦୨/ OMMC/ ୨୦୧୯-୨୦ | ସୋଡାମାଳ ମୁରୁମ ଖାଦାନ | ସୋଡାମାଳ | ୪୯୦ | ୧୬୬୯ ରୁ | ପତିତ | ୫.୭୫ | ଟ.୧୦.୦୦ | ୧୦୦୦ | ୨୨୫୦.୦୦ |
| ୪ | ୦୩/ OMMC/ ୨୦୧୯-୨୦ | ଝିର୍ଲାପାଲି ମୁରୁମ ଖାଦାନ | ଝିର୍ଲାପାଲି | ୨୬୯ | ୪୫/୩୮୨୨ | ପତିତ | ୧.୦୦ | ଟ.୧୦.୦୦ | ୫୦୦ | ୧୧୨୫.୦୦ |

**ଜ୍ଞାପକ ସଂଖ୍ୟା: ୧୦୫୯** **ତାରିଖ: ୦୬.୧୧.୨୦୨୦**

ଏହାର ଏକକିତା ନକଲ ଜିଲ୍ଲାପାଳ, ଝାରସୁଗୁଡା/ ଉପଜିଲ୍ଲାପାଳ, ଝାରସୁଗୁଡା/ ଝାରସୁଗୁଡା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ/ ଝାରସୁଗୁଡା ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ/ କୋଲାବିରା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ଝାରସୁଗୁଡାଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୋଲାବିରା
TAHASILDAR
KOLABIRA